# ପ୍ରାକୃତିକ କୃଷି




ଡ. ଅସୀମ ଚନ୍ଦ୍ର ଦାଶ

ଡ. ସୁଶାନ୍ତ କୁମାର ସ୍ୱାଇଁ

ଉତ୍କଳିକା ନାଏକ

ଡ. ଅମିତାଭ ପଣ୍ଡା

ତ୍ରିବିଜୟୀ ବଡ଼ଜେନା

ଡ. ହୃଦାନନ୍ଦ ମଲିକ

ତୁଳସୀ ମାଝୀ

ଜ୍ୟୋତିରେଖା ମଲ୍ଲିକ



କୃଷି ବିଜ୍ଞାନ କେନ୍ଦ୍ର, କଳାହାଣ୍ଡି

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର-୭୫୧୦୦୩, ଓଡ଼ିଶା

# ପ୍ରାକୃତିକ କୃଷି


ବିଷୟବସ୍ତୁ:

**ଡ. ଅସୀମ ଚନ୍ଦ୍ର ଦାଶ,** ବୈଜ୍ଞାନିକ (କ୍ଷେତ୍ରବିଜ୍ଞାନ)
**ଡ. ସୁଶାନ୍ତ କୁମାର ସ୍ୱାଇଁ,** ପ୍ରଫେସର (କ୍ଷେତ୍ରବିଜ୍ଞାନ)
**ଉତ୍କଳିକା ନାଏକ,** ବୈଜ୍ଞାନିକ (କ୍ଷେତ୍ରବିଜ୍ଞାନ)
**ଡ. ଅମିତାଭ ପଣ୍ଡା,** ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ
**ତ୍ରିବିଜୟୀ ବଡ଼ଜେନା,** ବୈଜ୍ଞାନିକ (କୃଷି ସଂପ୍ରସାରଣ)
**ଡ. ହୃଦାନନ୍ଦ ମଲିକ,** ବୈଜ୍ଞାନିକ (ପ୍ରାଣୀବିଜ୍ଞାନ)
**ତୁଳସୀ ମାଝୀ,** ବୈଜ୍ଞାନିକ (ଉଦ୍ୟାନ କୃଷି)
**ଜ୍ୟୋତିରେଖା ମଲ୍ଲିକ,** ବୈଜ୍ଞାନିକ (ଫସଲ ସଂରକ୍ଷଣ)



ପ୍ରକାଶକ:

**କୃଷି ବିଜ୍ଞାନ କେନ୍ଦ୍ର,** କଳାହାଣ୍ଡି

ମୁଦ୍ରଣ:

**ଅଙ୍କିତା ଗ୍ରାଫିକ୍ସ, ଭୁବନେଶ୍ୱର,** ଫୋନ୍: ୯୪୩୭୦୭୭୩୩୭


## PRAKRUTIKA KRUSHI


**Authors:**

**Dr. Asim Ch. Dash,** Scientist, Agronomy
**Dr. Susant Ku. Swain,** Professor, Agronomy
**Dr. Utkalika Naik,** Scientist, Agronomy
**Dr. Amitabh Panda,** Sr. Scientist and Head
**Mr. Tribijayi Badjena,** Scientist, Ag. Extension
**Dr. Hrudananda Malik,** Scientist, Vet. Science
**Mrs. Tulashi Majhi,** Scientist, Horticulture
**Mrs. Jyotirekha Mallick,** Scientist, Plant Protection



***Published by :***
**Krishi vigyan Kendra, Kalahandi**

Printed at: **Ankita Graphics, Bhubaneswar**
Ph.: 9437077337, E-mail: saroj77337@gmail.com

# ପ୍ରାକୃତିକ କୃଷି

ସ୍ୱାଧୀନତା ପରେ ଆମ ଦେଶ ଖାଦ୍ୟଶସ୍ୟ ପାଇଁ ଅନ୍ୟ ଦେଶମାନଙ୍କ ଉପରେ ନିର୍ଭରଶୀଳ ଥିଲା । ବୈଜ୍ଞାନିକମାନଙ୍କ ପ୍ରଚେଷ୍ଟାରେ ୧୯୭୦ ଦଶକରେ ହୋଇଥିବା ସବୁଜ ବିପ୍ଳବରେ ଆଧୁନିକ କିସମ ସବୁର ପ୍ରୟୋଗକୁ ପ୍ରାଧାନ୍ୟ ଦିଆଯାଇଥିଲା, ଯାହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଯେ ଆମେ ଖାଦ୍ୟଶସ୍ୟର ଉତ୍ପାଦନରେ ସ୍ୱାବଲମ୍ବୀ ହେବା ଏବଂ ଅନ୍ୟ ଦେଶ ଉପରେ ନିର୍ଭରଶୀଳତାକୁ କମ୍ କରିବା । ଏହିସବୁ ଖାଦ୍ୟଶସ୍ୟର ନୂଆ କିସମ ସବୁ ଅଧିକ ଉତ୍ପାଦନ ହେବା ସହ ଅଧିକ ଖାଦ୍ୟସାର ଆବଶ୍ୟକ କରୁଥିଲା । ଅଧିକ ଖାଦ୍ୟସାର ପାଇଁ ମାଟିରେ ବହୁଳ ଭାବରେ ରାସାୟନିକ ସାରର ବ୍ୟବହାର ବଢ଼ିବାକୁ ଲାଗିଲା । ଯାହାଫଳରେ ମାଟିର ସ୍ୱାସ୍ଥ୍ୟରେ ଅବନତି ଘଟିବା ସହ ସ୍ଥଳବିଶେଷରେ ଲୋକଙ୍କର ସ୍ୱାସ୍ଥ୍ୟ ଉପରେ ମଧ୍ୟ ନାକାରାତ୍ମକ ପ୍ରଭାବ ପଡ଼ିଲା ।

ଯେଉଁସବୁ ଅଞ୍ଚଳରେ ଏହି ସାରସବୁ ବହୁଳ ମାତ୍ରାରେ ବ୍ୟବହାର ହେଲା ସେଠାର ମାଟିସବୁ ଫସଲ ଅନୁପଯୋଗୀ ହେବାକୁ ଲାଗିଲା । ଏହାଦ୍ୱାରା ମାଟିରେ ଥିବା ଜୈବିକ ଅଂଶ, ଅଣୁଜୀବ ସଂଖ୍ୟା, ଜଳ ଧାରଣ କ୍ଷମତା ହ୍ରାସ ସହ ଜଳ ସ୍ରୋତ ମଧ୍ୟ ପ୍ରଦୂଷିତ ହେଲା । ରାସାୟନିକ ପଦାର୍ଥର ବହୁଳ ବ୍ୟବହାର ଦ୍ୱାରା ପରିବେଶର ସନ୍ତୁଳନ ବିଗିଡି ଯିବାରୁ ରୋଗ, ପୋକ ସଂଖ୍ୟାରେ ବୃଦ୍ଧି ଘଟିଲା ଏବଂ ଏହାକୁ ପରିଚାଳନା ନିମନ୍ତେ ବିଭିନ୍ନ ପ୍ରକାରର ରାସାୟନିକ କୀଟନାଶକ ବ୍ୟବହୃତ ହେଲା । କୀଟନାଶକର ବହୁଳ ବ୍ୟବହାର ଲାଭକାରୀ କୀଟମାନଙ୍କୁ କ୍ଷତି କଲା । ରାସାୟନିକ ସାରର ବହୁଳ ବ୍ୟବହାର କାଳକ୍ରମେ ପଶୁମାନଙ୍କ ଉପରେ ନିର୍ଭରଶୀଳତା କମ୍ କଲା ଏହାର ଫଳସ୍ୱରୂପ ମାଟି, ଜଳ, ବାୟୁ ଆଦି ସବୁ ପ୍ରଦୂଷିତ ହେବା ସହ ଜଳବାୟୁ ପରିବର୍ତ୍ତନରେ ମଧ୍ୟ ଏହା ଏକ ବିଶେଷ ଭୂମିକା ଗ୍ରହଣ କଲା ।

ଏହି ତଥାକଥିତ ଆଧୁନିକ କୃଷି ବା ରାସାୟନିକ କୃଷିଜନିତ ସ୍ୱାସ୍ଥ୍ୟ ଓ ପରିବେଶଗତ କ୍ଷୟକ୍ଷତିକୁ ଆମେ 'ପ୍ରାକୃତିକ କୃଷି' ମାଧ୍ୟମରେ ହିଁ ଭରଣା କରିପାରିବ । ଏହି ପ୍ରାକୃତିକ କୃଷିକୁ ଖର୍ଚ୍ଚବିହୀନ ପ୍ରାକୃତିକ କୃଷି ବା ଶୂନ୍ୟ ବଜେଟ ପ୍ରାକୃତିକ କୃଷି (Zero budget

natural farming) ମଧ୍ଯ କୁହାଯାଇଥାଏ । ପ୍ରାକୃତିକ କୃଷି ପ୍ରଣାଳୀ ଚାଷୀମାନଙ୍କର ଚାଷରେ ହେଉଥିବା ଖର୍ଚ୍ଚକୁ କମ୍ କରିବାରେ ସହାୟକ ହୋଇଅଛି । ଏହା ଚାଷୀଭାଇମାନଙ୍କ ପାଇଁ ଅଧିକ ଅମଳ, ଉପଭୋକ୍ତାମାନଙ୍କ ପାଇଁ ରାସାୟନିକ ମୁକ୍ତ ଖାଦ୍ୟ, ମୃତ୍ତିକାର ଉର୍ବରତା ବୃଦ୍ଧି କରିବାରେ ସହାୟକ ହୋଇଛି ।

ଏହି ପ୍ରାକୃତିକ କୃଷି ପଦ୍ଧତିରେ କମ କୃଷି ପଦାର୍ଥ ବ୍ୟବହୃତ ହେବା ସହ ଜଳବାୟୁ ସନ୍ତୁଳନ, ସ୍ଥାନୀୟ କୃଷି ସାମଗ୍ରୀର ବ୍ୟବହାର, ପରିବେଶର ସୁରକ୍ଷା, ମାଟିର ଉର୍ବରତା ବୃଦ୍ଧି ସହିତ ରାସାୟନିକ ସାର ଓ କୀଟନାଶକ ଔଷଧ ବ୍ୟବହାରକୁ ସମାପ୍ତ କରିବାରେ ସହାୟକ ହୋଇଥାଏ । ଏହାଦ୍ୱାରା ଚାଷୀଭାଇମାନେ ବଜାରରେ ମିଳୁଥିବା ବିହନ, ସାର ଓ ଔଷଧ ବ୍ୟବହାର ନକରି ଅଧିକ ଅମଳ ଓ ଲାଭ ପାଇପାରିବେ ।

ଜୀରୋ ବଜେଟ୍‌ର ଅର୍ଥ ହେଉଛି ଯେଉଁ ଫସଲ ଚାଷ ହୋଇଥାଉନା କାହିଁକି, ସେଥିରେ ଉତ୍ପାଦନ ପାଇଁ ପୁଞ୍ଜି ଜିରୋ ବା ଶୂନ୍ୟ ହେବା ଉଚିତ୍ । ଏହି ଖର୍ଚ୍ଚ ବିହୀନ ପ୍ରାକୃତିକ କୃଷି ହେଉଛି ଏକ ରାସାୟନିକ ଦ୍ରବ୍ୟମୁକ୍ତ କୃଷି ପ୍ରଣାଳୀ ଯାହାକି ମୂଳତଃ ଭାରତୀୟ ପରମ୍ପରାରେ ସମୃଦ୍ଧ ଅଟେ । ଏଥିରେ ପରିବେଶର ଆଧୁନିକ ବିଚାର ସହିତ କୃଷିର ବିଭିନ୍ନ ଉତ୍ସର ସମୁଚିତ ଓ ପୁନଃ ବ୍ୟବହାର ପାଇଁ ବ୍ୟବସ୍ଥା କରାଯାଇଥାଏ । ଏହାକୁ କୃଷି ପରିବେଶ ଭିତ୍ତିକ ବିବିଧ କୃଷି ପ୍ରଣାଳୀ ଭାବରେ ବିବେଚନା କରାଯାଏ, ଯେଉଁଥିରେ ଫସଲ, ଗଛ ଏବଂ ପଶୁମାନଙ୍କର ବିବିଧତାକୁ ଏକତ୍ର ବ୍ୟବହାର କରାଯାଏ ।

ଏହି ପଦ୍ଧତିରେ ମୁଖ୍ୟତଃ ଫାର୍ମରେ ଉପଲବ୍ଧ ବାୟୋମାସର ମଲଚିଙ୍ଗ ବା ବାୟୋମାସ୍‌ର ପୁନଃ ବ୍ୟବହାର, ଗୋବର ଓ ଗୋମୂତ୍ରର ବ୍ୟବହାର, ସମସ୍ତ ରାସାୟନିକ ପଦାର୍ଥର ବର୍ଜନ ସହିତ ମୃତ୍ତିକାର ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଥାଏ । ଏହାଦ୍ୱାରା ଚାଷ ପାଇଁ ଆବଶ୍ୟକ ପଦାର୍ଥଗୁଡ଼ିକୁ ବାହାରୁ ନକିଣି ଫାର୍ମରେ ଉପଲବ୍ଧ ଥିବା ସାମଗ୍ରୀ ବ୍ୟବହାର କରି ଚାଷ କାର୍ଯ୍ୟ କରାଯାଏ; ଯଦ୍ୱାରା କୃଷକର ବାହ୍ୟ ସାମଗ୍ରୀ ପ୍ରତି ନିର୍ଭରଶୀଳତା କମ୍ ହେବା ସହ ଆର୍ଥିକ ଲାଭ ହୋଇଥାଏ । ଶୂନ୍ୟ ବଜେଟ୍ ପ୍ରାକୃତିକ କୃଷି ପାଇଁ ଦେଶୀ ଗାଈର ଗୋବର ଓ ଗୋମୂତ୍ରର ବହୁଳ ଆବଶ୍ୟକତା ଥାଏ । ଏକ ଅନୁମାନ ଅନୁସାରେ ଗୋଟିଏ ଦେଶୀ ଗାଈରୁ ମିଳୁଥିବା ଗୋବର ଓ ଗୋମୂତ୍ରରୁ ୩୦

ଏକର ପ୍ରାକୃତିକ କୃଷି କରିବା ସମ୍ଭବ ହୋଇଥାଏ । ଏହାଦ୍ୱାରା ଗ୍ରାମାଞ୍ଚଳରେ ରୋଜଗାର ବୃଦ୍ଧି ଓ ବିକାଶ ସମ୍ଭବ ହୋଇଥାଏ ।

ଯଦିଓ ଜୈବିକ କୃଷିରେ ମଧ୍ୟ ରାସାୟନିକ ସାର ଓ ଔଷଧର ବ୍ୟବହାର ହୋଇନଥାଏ, ଏହା ପ୍ରାକୃତିକ କୃଷି ଓ ଜୈବିକ କୃଷି ମଧ୍ୟରେ ସାମାନ୍ୟ ତଫାତ୍ ରହିଛି । ମୁଖ୍ୟତଃ ଜୈବିକ କୃଷିରେ କମ୍ପୋଷ୍ଟ, ଜିଆଖତ, ଗୋବରଖତ ଆଦି ଫାର୍ମ ବାହାରୁ ମଧ୍ୟ ଆଣି ବ୍ୟବହାର କରାଯାଇଥିବା ବେଳେ, ପ୍ରାକୃତିକ କୃଷିରେ କୌଣସି ପ୍ରକାରର ରାସାୟନିକ କିମ୍ବା ଜୈବିକ ସାର କିମ୍ବା ଫାର୍ମ ବାହାରର କୌଣସି ପଦାର୍ଥର ବ୍ୟବହାର କରାଯାଇନଥାଏ । ଏଥିପାଇଁ ଜୈବିକ କୃଷି ଖର୍ଚ୍ଚସାପେକ୍ଷ ହୋଇଥିବା ବେଳେ ପ୍ରାକୃତିକ କୃଷିରେ ଶୂନ୍ୟ କିମ୍ବା ଅନେକ ଗୌଣ ହୋଇଥାଏ । ଜୈବିକ କୃଷିରେ ଖତ ଓ କମ୍ପୋଷ୍ଟଆଦି ମାଟିରେ ହଳକରି ମିଶାଯାଉଥିବା ବେଳେ, ପ୍ରାକୃତିକ କୃଷିରେ କୌଣସି ପ୍ରକାରର ହଳ ନକରାଯାଇ ପ୍ରାକୃତିକ ବାଟରେ ଜୈବିକ ପଦାର୍ଥ ସବୁର ଅପଘଟନ ହୋଇଥାଏ ।

## ପ୍ରାକୃତିକ କୃଷିର ଲକ୍ଷ୍ୟ

- ପ୍ରାକୃତିକ ଜୀବଜନ୍ତୁ ଓ ଉଦ୍ଭିଦର ସଂରକ୍ଷଣ ତଥା ପରିବେଶର ସନ୍ତୁଳନ ରକ୍ଷା ।
- ମୃତ୍ତିକାର ସ୍ୱାସ୍ଥ୍ୟ ଓ ଉର୍ବରତା ଏବଂ ଏହାର ଜୈବ କାର୍ଯ୍ୟକଳାପ ବୃଦ୍ଧି ।
- ଫସଲ ଉତ୍ପାଦନର ବିବିଧତା ଅକ୍ଷୁର୍ଣ୍ଣ ରଖିବା
- ଜମି ଓ ପ୍ରାକୃତିକ ସମ୍ପଦ ଯଥା ଆଲୋକ, ବାୟୁ ଓ ଜଳର ଦକ୍ଷ ଉପଯୋଗ
- ମାଟିରେ ଥିବା ଉପକାରୀ କୀଟ, ପ୍ରାଣୀ ଏବଂ ଅଣୁଜୀବ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ଏବଂ କୀଟ ଓ ରୋଗର ଜୈବିକ ନିୟନ୍ତ୍ରଣ
- ପଶୁପାଳନକୁ କୃଷିରେ ସମ୍ମିଳିତ କରିବା ଏବଂ ଏଥିରେ ଦେଶୀ ଓ ସ୍ଥାନୀୟ ପଶୁକୁ ପ୍ରାଧାନ୍ୟ ଦେବା ।
- ପ୍ରାକୃତିକ ଓ ସ୍ଥାନୀୟ ଉତ୍ସ ଆଧାରିତ ପଦାର୍ଥର ବ୍ୟବହାର
- କୃଷି ଉତ୍ପାଦନ ପାଇଁ ଉପଯୁକ୍ତ ପଦାର୍ଥ ବାବଦ ଖର୍ଚ୍ଚକୁ କମ୍ କରିବା ।
- କୃଷକର ଆର୍ଥିକ ସ୍ଥିତି ସୁଦୃଢ଼ କରିବା ।
- ଉତ୍ତମ ସ୍ୱାସ୍ଥ୍ୟପାଇଁ ସୁରକ୍ଷିତ ଓ ପୁଷ୍ଟିଯୁକ୍ତ ଖାଦ୍ୟ ଉତ୍ପାଦନ ।

## କାର୍ଯ୍ୟ ବିଧି

ପ୍ରାକୃତିକ କୃଷି ଅଭ୍ୟାସ ଦ୍ୱାରା ମୃତ୍ତିକା ସ୍ୱାସ୍ଥ୍ୟର ପୁନରୁଦ୍ଧାର, ବିବିଧତାର ରକ୍ଷଣାବେକ୍ଷଣ, ପଶୁ କଲ୍ୟାଣ, ପ୍ରାକୃତିକ ଅଥବା ସ୍ଥାନୀୟ ସମ୍ପଦ ଗୁଡ଼ିକର ସହଯୋଗୀ ସହ ପରିବେଶର ନ୍ୟାୟୋଚିତ ଉପଯୋଗ ହୋଇଥାଏ । ଏହା ମାଟିରେ ଥିବା ଜୀବାଣୁର କାର୍ଯ୍ୟ ଦକ୍ଷତା ବୃଦ୍ଧିସହ,  ଉଦ୍ଭିଦ ଓ ପ୍ରାଣୀ ଜଗତର ସନ୍ତୁଳନ ଏବଂ ପୁଷ୍ଟିଯୁକ୍ତ ସୁରକ୍ଷିତ ଖାଦ୍ୟ ଉତ୍ପାଦନ କରିଥାଏ ।

ଏହାର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବିଧି ସବୁ ହେଉଛି :

୧. କୌଣସି ବାହ୍ୟ କୃଷି ପଦାର୍ଥ ବ୍ୟବହାର ନକରି କୃଷି କାର୍ଯ୍ୟ କରିବା ।

୨. ସ୍ଥାନୀୟ ମଞ୍ଜି ଏବଂ ଦେଶୀ କିସମ ବ୍ୟବହାର ।

୩. ଫାର୍ମରେ ଥିବା ଅଣୁଜୀବରୁ ପ୍ରସ୍ତୁତ ସାମଗ୍ରୀ ଦ୍ୱାରା ବିହନ ବିଶୋଧନ (ବୀଜାମୃତ) ।

୪. ମୃତ୍ତିକାର ଉର୍ବରତା ବୃଦ୍ଧି ନିମନ୍ତେ ଫାର୍ମରେ ପ୍ରସ୍ତୁତ ଜୀବାମୃତର ବ୍ୟବହାର ।

୫. ଉପକାରୀ ଅଣୁଜୀବ ପାଇଁ ଉପଯୋଗୀ ବାତାବରଣ ଓ ଏହାର ସର୍ବାଧିକ କାର୍ଯ୍ୟକ୍ଷମତା ପାଇଁ ମାଟିରେ ଆଚ୍ଛାଦନ ଫସଲ ଲଗାଇବା ଏବଂ ସବୁଜ ଅଥବା ଶୁଖିଲା ଜୈବିକ ପଦାର୍ଥ ଦ୍ୱାରା ମାଟିକୁ ଆଚ୍ଛାଦିତ କରିରଖିବା ।

୬. ଅନ୍ତଃ ବା ମିଶ୍ରିତ ଫସଲ ଚାଷ କରିବା ।

୭. ବିବିଧତା ପରିଚାଳନା ନିମନ୍ତେ ବୃକ୍ଷରୋପଣ ।

୮. ରୋଗ ଓ ପୋକ ପରିଚାଳନା ନିମନ୍ତେ ଫାର୍ମରେ ଥିବା ବୃକ୍ଷରୁ ପ୍ରସ୍ତୁତ ଜୈବିକ ପଦାର୍ଥର ବ୍ୟବହାର (ଉଦାହରଣ-ନିମାସ୍ତ୍ର, ଅଗ୍ନିଅସ୍ତ୍ର, ନିମ୍ବ ଅର୍କ, ଦଶପର୍ଣ୍ଣୀ ଅର୍କ ଇତ୍ୟାଦି) ।

୯. ପଶୁମାନଙ୍କର ବ୍ୟବହାର (ବିଶେଷତଃ ଦେଶୀ ଗାଈର ଗୋବର ଓ ଗୋମୂତ୍ରରୁ ପ୍ରସ୍ତୁତ ପଦାର୍ଥ ସବୁର ବ୍ୟବହାର) ।

୧୦. ଜଳ ଓ ଆର୍ଦ୍ରତା ସଂରକ୍ଷଣ ପାଇଁ ବିଶେଷ ଜଳ ପରିଚାଳନା

## ପ୍ରାକୃତିକ କୃଷିରୁ ଲାଭ

୧. **ଅମଳ ବୃଦ୍ଧି :** ପ୍ରାକୃତିକ କୃଷି ଦ୍ୱାରା ଫସଲ ଚାଷ କରୁଥିବା କୃଷକମାନଙ୍କ ଅମଳ ପାରମ୍ପାରିକ ଚାଷର ଅମଳ ସହ ସମାନ ଅଥବା ଅଧିକା ହୁଏ ।

୨. **ଉତ୍ତମ ସ୍ୱାସ୍ଥ୍ୟ :** ଯେହେତୁ ପ୍ରାକୃତିକ କୃଷିରେ କୌଣସି ରାସାୟନିକ ପଦାର୍ଥର ବ୍ୟବହାର କରାଯାଏ ନାହିଁ ତେଣୁ ଏହି ପଦ୍ଧତିରେ ଉତ୍ପାଦିତ ଦ୍ରବ୍ୟ ସବୁ ପୁଷ୍ଟିକର ଓ ଉତ୍ତମଗୁଣ ଯୁକ୍ତ ଅଟେ ଏବଂ ଏହା ଉତ୍ତମ ସ୍ୱାସ୍ଥ୍ୟ ପ୍ରଦାନ କରିଥାଏ ।

୩. **ପରିବେଶ ଅନୁକୂଳ :** ପ୍ରାକୃତିକ କୃଷି ଦ୍ୱାରା ମୃତ୍ତିକାର ଜୈବିକ ପଦାର୍ଥ ଜୈବ ବିବିଧତା ଓ ଜଳ ଧାରଣ କ୍ଷମତାରେ ବୃଦ୍ଧି ପରିଲକ୍ଷିତ ହୋଇଥାଏ । ଏହା ମାଟିରେ କାର୍ବନ ଓ ନାଇଟ୍ରୋଜେନ୍‌ର ଅନୁପାତକୁ ମଧ୍ୟ ସନ୍ତୁଳନ କରିବାରେ ସହାୟକ ହୋଇଥାଏ ।

୪. **ପ୍ରାକୃତିକ କୃଷି ପରିବେଶ ପାଇଁ ଅନୁକୂଳ :** ପ୍ରାକୃତିକ କୃଷିରେ ବ୍ୟହବାର ହେଉଥିବା କୃଷି ସାମଗ୍ରୀ କେବଳ ପ୍ରାକୃତିକ ପଦାର୍ଥ ଏବଂ ପ୍ରାକୃତିକ ଉପାୟରେ ହିଁ ତିଆରି ହୋଇଥାଏ । କୌଣସି ରାସାୟନିକ ପଦାଥ କିମ୍ବା କୃଷି ଯନ୍ତ୍ରର ବ୍ୟବହାର ହେଉ ନଥିବାରୁ ମୃତ୍ତିକାର ସ୍ୱାସ୍ଥ୍ୟ ସୁଧୁରିବା ସହ ସୁରକ୍ଷିତ ରହିଥାଏ ।

୫. **କୃଷକମାନଙ୍କ ଆୟବୃଦ୍ଧି :** ପ୍ରାକୃତିକ ଚାଷ କୃଷି ପଦାର୍ଥ ବାବଦକୁ ଖର୍ଚ୍ଚ କମ୍ କରିବା, ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା ସହ ସମାନ ଅମଳ ଓ ଅଧିକ ଲାଭ ଅର୍ଜନରେ ସହାୟକ ହୋଇଥାଏ । ଅନ୍ତଃ/ମିଶ୍ରିତ ଫସଲ ଚାଷ ଦ୍ୱାରା କୃଷକକୁ ଅତିରିକ୍ତ ଲାଭ ପ୍ରଦାନ କରିଥାଏ ।

୬. **ରୋଜଗାର ସୃଷ୍ଟି :** ଏହା କୃଷକର ଅଧିକ ରୋଜଗାର ସୃଷ୍ଟି କରିବା ପାଇଁ ସହାୟକ ହୋଇଥାଏ । ଏହାଦ୍ୱାରା ପ୍ରାକୃତିକ କୃଷିରେ ବ୍ୟବହୃତ ପଦାର୍ଥ ଉତ୍ପାଦନ ଉଦ୍ୟୋଗ, ସ୍ଥାନୀୟ ଅଞ୍ଚଳରେ ଏହାର ବ୍ୟବସାୟ ଓ ଏଥିରୁ ମିଳୁଥିବା ଅଧିକ ଆୟ ସବୁ ଗ୍ରାମର ବିକାଶରେ ବିନିଯୋଗ ହୁଏ । ଏହା ଗ୍ରାମର ଯୁବକମାନଙ୍କ ପାଇଁ ରୋଜଗାରର ସାଧନ ସୃଷ୍ଟି କରିବାରେ ସହାୟକ ହୋଇଥାଏ ।

୭. **ଜଳର ବ୍ୟବହାର ହ୍ରାସ :** ବିଭିନ୍ନ ଫସଲ ଚାଷ ଯାହା ପରସ୍ପରକୁ ସାହାଯ୍ୟ କରିଥାଏ ଏବଂ ଜମିରେ ଆଚ୍ଛାଦନ ଫସଲ ଚାଷ କରିବା ଦ୍ୱାରା ମୃତ୍ତିକାରୁ ଜଳର ବାଷ୍ପୀକରଣ ଜନିତ କ୍ଷତି କମ୍ ହୁଏ ଏବଂ କମ୍ ଜଳ ବ୍ୟବହାର କରି ଅଧିକ ଫସଲ ଅମଳ କରିବାରେ ସହାୟକ ହୋଇଥାଏ ।

୮. **ଉତ୍ପାଦନ ମୂଲ୍ୟ ହ୍ରାସ :** ଏହି ପ୍ରଣାଳୀରେ ଫାର୍ମରେ ପ୍ରସ୍ତୁତ ସାମଗ୍ରୀ ବ୍ୟବହାର ଯୋଗୁ ଫସଲ ଉତ୍ପାଦନ ପାଇଁ ଖର୍ଚ୍ଚ କମ୍ ହୋଇଥାଏ ।

୯. **ରାସାୟନିକ ପଦାର୍ଥ ପ୍ରୟୋଗରୁ ମୁକ୍ତି :** ରାସାୟନିକ ସାର ବିଶେଷତଃ ୟୁରିଆ, କୀଟନାଶକ, ତୃଣନାଶକ ଇତ୍ୟାଦି ମୃତ୍ତିକାକୁ ବିଶେଷ ଭାବେ କ୍ଷତି କରିଥାଏ । ଏହା ମୃତ୍ତିକା ଗଠନକୁ ପରିବର୍ତ୍ତନ କରିବା ସହ ଏଥିରେ ଥିବା ଅଣୁଜୀବ ଓ ଏହାର ଉର୍ବରତା ହ୍ରାସ କରେ । ପ୍ରାକୃତିକ କୃଷି ଦ୍ୱାରା ଏହି ବିପଦରୁ ମୃତ୍ତିକାକୁ ରକ୍ଷା କରିବା ସମ୍ଭବ ହୋଇଥାଏ ।

୧୦. **ମାଟିକୁ ପୁର୍ନଜୀବିତ କରିବା :** ମୃତ୍ତିକାର ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ରୂପେ ଏଥିରେ ଥିବା ଅଣୁଜୀବ ଓ ସୂକ୍ଷ୍ମଜୀବ ଉପରେ ନିର୍ଭର କରିଥାଏ । ଏହି ପଦ୍ଧତିରେ ଚାଷ ଦ୍ୱାରା ମାଟିରେ ଥିବା ଅଣୁଜୀବମାନଙ୍କର ସଂଖ୍ୟାରେ ବୃଦ୍ଧି ହେବା ଯୋଗୁ ଏହା ମାଟିକୁ ପୁନଃର୍ଜୀବିତ କରିବାରେ ସହାୟକ ହୋଇଥାଏ ।

୧୧. **ପଶୁପାଳନ :** ଫସଲ ଉତ୍ପାଦନ ସହିତ ପଶୁପାଳନକୁ ସମ୍ମିଳିତ କରିବା ଦ୍ୱାରା ଏହା ପ୍ରାକୃତିକ କୃଷିରେ ପ୍ରକୃତି ଉପଯୁକ୍ତ କୃଷି ସାମଗ୍ରୀ ଯେପରିକି ଜୀବାମୃତ, ବୀଜାମୃତ ଇତ୍ୟାଦିର ପ୍ରସ୍ତୁତିରେ ସାହାଯ୍ୟ କରିବା ସହ ଦୁଗ୍ଧ ଓ ଦୁଗ୍ଧଜାତୀୟ ପଦାର୍ଥ ଦ୍ୱାରା କୃଷକର ଆୟ ବୃଦ୍ଧିରେ ସହାୟକ ହୁଏ ।

୧୨. **ଜଳବାୟୁ ସହନଶୀଳ :** ପ୍ରାକୃତିକ କୃଷି ଅନ୍ତର୍ଗତ ଅଞ୍ଚଳ, ଫସଲ କିମ୍ବା ଫଳ ବଗିଚା ଓ ଜଙ୍ଗଲ ଆଦିର ପାଣିପାଗ ପରିବର୍ତ୍ତନ ବା ଅସ୍ଥିରତାକୁ ସହ୍ୟ କରିବା ପାଇଁ ଅନ୍ତର୍ନିହିତ ଶକ୍ତିର ବିକାଶ ହୋଇଥାଏ । ତା'ଛଡ଼ା ମଧ୍ୟ ଫସଲର ରୋଗ ପ୍ରତିରୋଧକ ଶକ୍ତି ବଢ଼ିବାରୁ ଏହା ରୋଗମୁକ୍ତ ରହିପାରେ ।

**୧୩. ସ୍ଥାନୀୟ ସମ୍ପଦର ସୁବିନିଯୋଗ :** ଏହି କୃଷିରେ ବ୍ୟବହାର ହେଉଥିବା କୃଷି ପଦାର୍ଥ ଯଥା ଜୀବାମୃତ, ବୀଜାମୃତ, ନିମାସ୍ତ୍ର ଇତ୍ୟାଦି ନିଜ ଅଞ୍ଚଳର / ଫାର୍ମର ଉପଲବ୍ଧ ପ୍ରାକୃତିକ ଉପାଦାନରୁ ହିଁ ତିଆରି କରାଯାଇ ମୃତ୍ତିକାର ଉର୍ବରତା ବଢ଼ାଇବା, ରୋଗ ଓ ପୋକଠାରୁ ଫସଲକୁ ସୁରକ୍ଷା ଦେବାପାଇଁ ବ୍ୟବହାର କରାଯାଇଥାଏ । ଏହି ସବୁକୁ ମଧ୍ୟ କୃଷକ ନିଜେ ତିଆରି କରିଥାଏ ।

## ପ୍ରାକୃତିକ କୃଷି ପଦ୍ଧତି

ପ୍ରାକୃତିକ କୃଷି କଲାବେଳେ, ଯେଉଁ ଅଭ୍ୟାସଗୁଡ଼ିକ ଉପରେ ଧ୍ୟାନ ଦେବା ଦରକାର ସେଗୁଡ଼ିକ ହେଉଛି:

୧. ସ୍ୱଳ୍ପ / ନ୍ୟୁନତମ ଚାଷରେ ଜମି ପ୍ରସ୍ତୁତି ।

୨. ରୋଗ, ପୋକ, ପ୍ରାକୃତିକ ଆପଦ ସହନଶୀଳ କିସମ ଚୟନ ।

୩. ସ୍ଥାନୀୟ ସୁସ୍ଥ ବିହନର ବ୍ୟବହାର ।

୪. ମୃତ୍ତିକା ଓ ବିହନଜନିତ ରୋଗ ଉପଚାର ପାଇଁ ବୀଜାମୃତ ଦ୍ୱାରା ବିହନ / ତଳିର ଉପଚାର ।

୫. ମୃତ୍ତିକାରେ ବିଭିନ୍ନ ଖାଦ୍ୟସାରର ସୁକ୍ଷମ ଉପଲବ୍ଧି ଓ ଫସଲ ଚେରର ବୃଦ୍ଧି ପାଇଁ, ଉତ୍ତମ ମୃତ୍ତିକା ପରିବେଶ ପାଇଁ ଜୀବାମୃତର ବ୍ୟବହାର ।

୬. ଫସଲରେ ରୋଗ / ପୋକ ନିରାକରଣ ପାଇଁ ନିଜ ଫାର୍ମରେ କୃଷକ ପ୍ରସ୍ତୁତ ନିମାସ୍ତ୍ର, ଅଗ୍ନିଅସ୍ତ୍ର, ବ୍ରହ୍ମାସ୍ତ୍ର, ଦଶପର୍ଣ୍ଣୀ ଅର୍କ ଆଦିର ବ୍ୟବହାର, ସଠିକ ଫସଲ ବିବିଧିକରଣ ଓ ଫସଲ ପର୍ଯ୍ୟାୟ ଚୟନ, କୀଟ ବିକର୍ଷକ ଫସଲ / ବୃକ୍ଷ ରୋପଣ ଇତ୍ୟାଦି ।

୭. ଘାସ ଦମନ ପାଇଁ ମିଶ୍ରିତ ଚାଷ / ଅନ୍ତଃଫସଲ ଚାଷ, ଆଚ୍ଛାଦନର ପ୍ରୟୋଗ ।

୮. ସର୍ବୋପରି ଅଞ୍ଚଳକୁ ଖାପଖାଉଥିବା ସଠିକ୍ ଫସଲକୁ ଠିକ୍ ସମୟରେ ଚାଷ କରିବା ।

ଆମ ଦେଶରେ ଶୂନ୍ୟ ବଜେଟ୍ ପ୍ରାକୃତିକ କୃଷି ପଦ୍ଧତିକୁ ଚାଷୀମାନଙ୍କ ମଧ୍ୟରେ ଲୋକପ୍ରିୟ କରିବା ପାଇଁ ପଦ୍ମଶ୍ରୀ ସୁଭାଷ ପାଲେକର ଉପରୋକ୍ତ ଅଭ୍ୟାସଗୁଡ଼ିକ ମଧ୍ୟରୁ ନିମ୍ନୋକ୍ତ ଚାରୋଟି ଦିଗକୁ ବିଶେଷ ଧ୍ୟାନ ଦେବା ପାଇଁ କହିଛନ୍ତି:

୧. **ବୀଜାମୃତର ପ୍ରୟୋଗ :** ଗୋବର ଓ ଗୋମୂତ୍ରରୁ ପ୍ରସ୍ତୁତ ବିଶୋଧନ ପଦାର୍ଥ ଦ୍ୱାରା ବିହନକୁ ବିଶୋଧିତ କରିବା ।

୨. **ଜୀବାମୃତର ପ୍ରୟୋଗ :** ଦେଶୀ ଗାଈର ଗୋବର, ଗୋମୂତ୍ର, ଗୁଡ, ବେସନ, ମାଟି ଓ ପାଣିର ପ୍ରୟୋଗ ଦ୍ୱାରା ମାଟିର ଅଣୁଜୀବ ସଂଖ୍ୟାକୁ ବୃଦ୍ଧି କରିବା ।

୩. **ମଲ୍‌ଚିଙ୍ଗ ବା ଆଚ୍ଛାଦନର ବ୍ୟବହାର :** ମାଟିରେ ଥିବା ଜଳୀୟ ଅଂଶର ବାଷ୍ପିକରଣ କମ୍ କରିବା, ମାଟିର କାର୍ବନିକ ଭାଗର ବୃଦ୍ଧି ଓ ଏହାର ସଂରଚନାର ଉନ୍ନତି ନିମନ୍ତେ ସବୁଜ କିମ୍ବା ଶୁଖିଲା ପଦାର୍ଥ ଦ୍ୱାରା ମାଟିକୁ ଆଚ୍ଛାଦିତ କରିବା ।

୪. **ମୃତ୍ତିକାରେ ଚଳାଚଳ ବା ବାପ୍‌ସା:** ବାପ୍‌ସା ମୃତ୍ତିକାର ଏପରି ଏକ ଅବସ୍ଥା, ଯେତେବେଳେ ମୃତ୍ତିକାରେ ଉଭୟ ବାୟୁ ଓ ଜଳ କଣିକାର ଉପସ୍ଥିତି ରହିଥାଏ ।

## ବୀଜାମୃତ :

ବିହନଜନିତ ବା ମୃତ୍ତିକାଜନିତ ରୋଗରୁ ରକ୍ଷା ପାଇବା ପାଇଁ ବିହନ ଉପଚାର କରିବା ନିତାନ୍ତ ଆବଶ୍ୟକ । ଏହି ବୀଜାମୃତ ସାଧାରଣତଃ ମଞ୍ଜି କିମ୍ବା ଫସଲର ରୋପଣ ସାମଗ୍ରୀର ବିଶୋଧନ କାର୍ଯ୍ୟରେ ବ୍ୟବହୃତ ହୋଇଥାଏ । ଏହାର ଉପଚାର ଦ୍ୱାରା ରୋପଣ ସାମଗ୍ରୀ ରୋଗ ଓ ପୋକମୁକ୍ତ ହେବା ସହ ଏହାର ଅଙ୍କୁରଣ କ୍ଷମତାରେ ବୃଦ୍ଧି ହୋଇଥାଏ ।

### ପ୍ରସ୍ତୁତ ପ୍ରଣାଳୀ :

୨୦ଲିଟର ପାଣିରେ ୫କିଲୋଗ୍ରାମ ଦେଶୀ ଗାଈ ଗୋବର, ୫ଲିଟର ଗୋମୂତ୍ର, ୫୦ ଗ୍ରାମ୍ ପାଣିରେ ଗୋଳା ହୋଇଥିବା ଚୂନ ଓ ଏକ ମୁଠା ଗଛ ତଳ ମାଟିକୁ ଭଲରେ ମିଶାଇ ଗୋଟିଏ ରାତି ପାଇଁ ଘୋଡ଼ାଇ ରଖିବେ । ଏହା ପରେ ଏହି ତରଳ ଦ୍ରବଣକୁ ମଞ୍ଜିରେ ଗୋଳାଇ ସୁଖାଇ ଦେବେ ଏବଂ ଏହା ପରେ ଏହି ମଞ୍ଜିକୁ ଫସଲ ଉତ୍ପାଦନ ପାଇଁ ବ୍ୟବହାର କରାଯାଇପାରିବ ।

## ଜୀବାମୃତ

ଏହା ମାଟିରେ ଜୈବିକ ଦକ୍ଷତା ବଢ଼ାଇବା ସହ ଫସଲକୁ ପୋଷକ ପଦାର୍ଥ ପ୍ରଦାନ କରାଇବାରେ ସାହାଯ୍ୟ କରେ । ଏହା ମାଟିରେ ଥିବା ଅଣୁଜୀବ/ସୂକ୍ଷ୍ମଜୀବ ମାନଙ୍କର



କାର୍ଯ୍ୟକ୍ଷମତା ବୃଦ୍ଧି କରିଥାଏ । ଏହା ଜିଆମାନଙ୍କୁ କ୍ଷତି କରେନାହିଁ ଯଦ୍ୱାରା ଜିଆମାନେ ସେମାନଙ୍କର କାର୍ଯ୍ୟ ମାଟିରେ ସୁଚାରୂପେ ସମ୍ପୂର୍ଣ୍ଣ କରିଥାନ୍ତି । ଏହା ମଧ୍ୟ ଫସଲର ରୋଗ/ପୋକ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ ।

**ପ୍ରସ୍ତୁତ ପ୍ରଣାଳୀ :**



ଏକ ବ୍ୟାରେଲ୍‌ରେ ୨୦୦ ଲି. ପାଣି ନେଇ ସେଥିରେ ୧୦ କିଗ୍ରା ଦେଶୀ ଗାଇ ଗୋବର ଓ ୫-୧୦ ଲି. ଗୋମୂତ୍ର ମିଶାନ୍ତୁ; ଏଥିରେ ୨ କିଗ୍ରା ଗୁଡ, ୨ କିଗ୍ରା ବେସନ ଓ ଗୋଟିଏ ମୁଠା ଗଛ ତଳର ମାଟି ମିଶାଇ ଭଲଭାବେ ଗୋଳାଇ ଛାଇରେ ରଖନ୍ତୁ । ୪୮ ଘଣ୍ଟା ପରେ ଏହାକୁ ବାହାର କରିଏହି ଦ୍ରବଣକୁ ୧ଏକର ଜମିରେ ପ୍ରୟୋଗ କରନ୍ତୁ । ଜୀବାମୃତକୁ ପ୍ରାୟ ପ୍ରତି ମାସରେ ଅତିକମ୍‌ରେ ଥରେ ପ୍ରୟୋଗ କରିବା ଦରକାର । ଏହାକୁ ଜଳସେଚନ କରିବା ସମୟରେ ଅଥବା ୧୦% ଜଳୀୟ ଦ୍ରବଣକୁ ପତ୍ର ସିଞ୍ଚନ କରାଯାଇପାରେ ।

## ଘନଜୀବାମୃତ :

ଖରାରେ ଶୁଖାଯାଇଥିବା ୨୦୦କିଗ୍ରା ଗୋବରରେ ୨୦ଲିଟର ଜୀବାମୃତ ମିଶାଇ ୨ଦିନ ଛାଇରେ ରଖାଯାଏ । ତା'ପରେ ପୁଣିଥରେ ଖରାରେ ଶୁଖାଇ ଛାଣି ଦିଆଯାଏ । ଏହାକୁ ଘନ ଜୀବାମୃତ କୁହାଯାଏ । ଏହାକୁ ଏକ ଏକର ଜମିରେ ବ୍ୟବହାର କରିହେବ ।

## ଆଚ୍ଛାଦନ/ମଲଚିଙ୍ଗ

ମୃତ୍ତିକାକୁ ଆଚ୍ଛାଦନ କରିବା ଦ୍ୱାରା ମାଟିରେ ଜଳଧାରଣ ଅଧିକ ହେବା ସହ ଘାସ ଦମନ ଓ ଅଣୁଜୀବଙ୍କ ଅଭିବୃଦ୍ଧି ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇଥାଏ । ଆଚ୍ଛାଦନ ସାଧାରଣତଃ ତିନି ପ୍ରକାରର ।

### ମାଟି ଆଚ୍ଛାଦନ

ଏହି ପଦ୍ଧତିରେ ମାଟିକୁ ଗଭୀର ଚାଷ ପରିବର୍ତ୍ତେ ହାଲୁକା/ନ୍ୟୁନତମ ଚାଷ କରାଯାଏ, ଯାହାଦ୍ୱାରା ମାଟିର ଜଳଧାରଣ କ୍ଷମତା ଓ ବାୟୁ ସଞ୍ଚାଳନରେ ବୃଦ୍ଧି ଘଟିଥାଏ ଏବଂ ମୃତ୍ତିକା କ୍ଷୟ କମ୍ ହୋଇଥାଏ ।

### ଅବଶେଷ ଆଚ୍ଛାଦନ

ଏହି ବିଧିରେ ଜମିରେ ଥିବା ଶୁଖିଲା ବସ୍ତୁ; ଯଥା- ପୂର୍ବବର୍ତ୍ତୀ ଫସଲର ନଡ଼ା, ପତ୍ର ଆଦି ଦ୍ୱାରା ମାଟିକୁ ଘୋଡ଼ାଇ ରଖାଯାଏ ଯାହା ପରବର୍ତ୍ତୀ ଅବସ୍ଥାରେ ସୂକ୍ଷ୍ମଜୀବ ଦ୍ୱାରା ବିଘଟିତ ହୋଇ ମାଟିର ଜୀବାଂଶ ବୃଦ୍ଧିରେ ସହାୟକ ହୋଇଥାଏ । ଏହା ମଧ୍ୟ ବୁଣା ଯାଇଥିବା ମଞ୍ଜିକୁ ପକ୍ଷୀମାନଙ୍କ ଠାରୁ ରକ୍ଷା କରିଥାଏ ।



### ସଜୀବ ଆଚ୍ଛାଦନ (ଅନ୍ତଃ ଓ ମିଶ୍ରିତ ଫଲ ଚାଷ)

ଏହି ବିଧି ଅନୁସାରେ ମାଟିକୁ ଆଚ୍ଛାଦିତ କରିରଖିବା ପାଇଁ ଗୋଟିଏ ଫସଲର ଧାଡ଼ିକୁ ଧାଡ଼ି ମଧ୍ୟରେ ଥିବା ଖାଲି ସ୍ଥାନରେ ଅନ୍ୟ ଫସଲ କିମ୍ବା ଦୁଇଟି ଫସଲକୁ ମିଶ୍ରିତ ଭାବରେ ଚାଷ କରାଯାଏ । ଏହାର ଫଳସ୍ୱରୂପ ମାଟି ପୂର୍ଣ୍ଣତଃ ଆଚ୍ଛାଦିତ ହୋଇ ରୁହେ ଏବଂ ଏହା ମାଟିର ଉର୍ବରକତା ବୃଦ୍ଧିରେ ସହାୟକ ହୋଇଥାଏ । ଏଥିପାଇଁ ପରସ୍ପର ପରିପୂରକ ହୋଇଥିବା ଫସଲ ଚିହ୍ନଟ କରିବା ଦରକାର । ଡାଲିଜାତୀୟ ଫସଲ, ଛାଇରେ ବଢ଼ିପାରୁଥିବା ଫସଲ ଆଦିକୁ ଏଥିରେ ଗୁରୁତ୍ୱ ଦିଆଯାଇଥାଏ ।



## ବାପ୍‌ସା

ଏହି ବିଧିରେ ଜମିରେ ଅଧିକ ଜଳ ଦେବାକୁ ବାରଣ କରାଯାଇଥାଏ କାରଣ ଅଧିକ ଜଳ ମାଟିରେ ରହିଲେ ଗଛର ଚେର ବୃଦ୍ଧି ଠିକ୍ ଭାବରେ ହୋଇପାରେ ନାହିଁ। କମ୍ ଜଳ ଦେବାରୁ ମାଟିରେ ଜଳ ଓ ବାୟୁ ଉପସ୍ଥିତ ରହି ଫସଲ ଚେରର ଶ୍ୱାସକ୍ରିୟାରେ ସହାୟକ ହେବା ସହ ଏହାର ଭଲ ବୃଦ୍ଧି କରିଥାଏ।

## ଅନ୍ୟାନ୍ୟ ପ୍ରାକୃତିକ କୀଟନାଶକ / ବିକର୍ଷକ

### ନିମାସ୍ତ୍ର :

ନିମାସ୍ତ୍ର ଫସଲର ଶୋଷକ କୀଟ ଓ ହଳଦିଆ ପୋକ ଆଦି ଦମନରେ ବ୍ୟବହାର କରଯାଇଥାଏ।

**ପ୍ରସ୍ତୁତି :** ୧୦୦ଲିଟର ପାଣିରେ ୫ଲିଟର ଦେଶୀ ଗୋମୂତ୍ର ଓ ୫କିଲୋଗ୍ରାମ ଗୋବର ମିଶାନ୍ତୁ। ଏହାପରେ ଏହି ମିଶ୍ରଣରେ ୫କିଲୋଗ୍ରାମ ନିମ୍ବପତ୍ରକୁ ଭଲଭାବରେ ଛେଚି କରି ମିଶାଇ ଏହାକୁ ଛାଇରେ ରଖନ୍ତୁ। ଏହି ମିଶ୍ରଣକୁ ଦିନକୁ ଦୁଇଥର ଭଲ କରି ଗୋଳାନ୍ତୁ। ୨୪ଘଣ୍ଟା ପରେ ଏହାକୁ ଭଲ କପଡ଼ା ବ୍ୟବହାର କରି ଛାଣି ଦିଅନ୍ତୁ। ଏବେ ଏହି ଦ୍ରବଣକୁ ଏକ ଏକର ଫସଲରେ ଶୋଷକ କୀଟ ଓ ମିଲିବଗ ଆଦିର ଦମନ ପାଇଁ ବ୍ୟବହାର କରନ୍ତୁ।

### ଅଗ୍ନିଅସ୍ତ୍ର :

ଅଗ୍ନିଅସ୍ତ୍ର ସାଧାରଣତଃ ପତ୍ରମୋଡ଼ା, କାଣ୍ଡବିନ୍ଧା, ଫଳବିନ୍ଧା ପୋକ ଦାଉରୁ ଫସଲକୁ ରକ୍ଷା କରିବା ପାଇଁ ବ୍ୟବହାର କରାଯାଏ।

**ପ୍ରସ୍ତୁତି :** ଏହାକୁ ପ୍ରସ୍ତୁତ କରିବାକୁ ୧୦୦ଲିଟର ପାଣିରେ ୧୦ଲିଟର ଦେଶୀ ଗୋମୂତ୍ର, ୧କି.ଗ୍ରା ଧୂଆଁପତ୍ର, ୫୦୦ ଗ୍ରାମ ଲଙ୍କା ଓ ୫୦୦ଗ୍ରାମ ରସୁଣ ବ୍ୟବହୃତ ହୋଇଥାଏ । ଏହିସବୁ ଦ୍ରବ୍ୟକୁ ମିଶାଇ ଏହାକୁ ଚୁଲୀରେ ବସାଇ ଫୁଟା ଯାଇଥାଏ ଏବଂ ଏହାକୁ ପରେ ଛାଣି ଛାଇରେ ରଖାଯାଏ । ୨୪ଘଣ୍ଟା ପରେ ଏହି ଦ୍ରବଣକୁ ଫସଲରେ ବ୍ୟବହାର କରାଯାଏ ।

**ବ୍ରହ୍ମାସ୍ତ୍ର :**

ଏହା ସାଧାରଣତଃ ଶୋଷକ ଓ ଛେଦକ କୀଟର ଦମନ ପାଇଁ ବ୍ୟବହାର କରାଯାଏ ।

**ପ୍ରସ୍ତୁତି :** ୧୦ଲିଟର ଗୋମୂତ୍ର ସହିତ ୩ କି.ଗ୍ରା ନିମ୍ବପତ୍ର, ୨ କି.ଗ୍ରା ଆତପତ୍ର, ୨ କି.ଗ୍ରା ଅମୃତଭଣ୍ଡା ପତ୍ର, ୨ କି.ଗ୍ରା ଡାଳିମ୍ବ ପତ୍ର, ୨ କି.ଗ୍ରା ପିଜୁଳି ପତ୍ରକୁ, ଭଲରେ ଛେଚିକରି ମିଶାଯାଏ ଏବଂ ଏହାକୁ ଚୂଲୀରେ ଫୁଟାଯାଏ । ପରେ ଏହାକୁ କପଡ଼ାରେ ଛାଣି କରି ଛାଇରେ ରଖାଯାଏ । ୨୪ଘଣ୍ଟା ପରେ ଏହି ଦ୍ରବଣକୁ ବ୍ୟବହାର କରାଯାଏ । ୧୦ ଲିଟର ପାଣିରେ ଏହି ଦ୍ରବଣକୁ ୨-୨.୫ ଲିଟର ମିଶାଇ ଏକ ଏକର ଜମିରେ ପ୍ରୟୋଗ କରଯାଇଥାଏ ।



**ଦଶପର୍ଣ୍ଣୀ ଅର୍କ**

ଏହାର ବ୍ୟବହାର ଶୋଷକ କୀଟ ସବୁର ଦମନ ପାଇଁ ବ୍ୟବହାର କରାଯାଇଥାଏ ।

**ପ୍ରସ୍ତୁତି :** ୨୦୦ଲିଟର ପାଣିରେ ୨କିଲୋଗ୍ରାମ କରଞ୍ଜ ପତ୍ର, ୨ କି.ଗ୍ରା ଆତ ପତ୍ର, ୨ କି.ଗ୍ରା ଦୁଦୁରା ପତ୍ର, ୨ କି.ଗ୍ରା ତୁଳସୀ ପତ୍ର, ୨ କି.ଗ୍ରା ଅମୃତଭଣ୍ଡା ପତ୍ର, ୨ କି.ଗ୍ରା ଗେଣ୍ଡୁ ପତ୍ର ସହିତ ୨କିଲୋଗ୍ରାମ ଦେଶୀ ଗୋବର, ୫୦୦ଗ୍ରାମ କଞ୍ଚାଲଙ୍କା,

୨୦୦ ଗ୍ରାମ ଅଦା, ୫ କି.ଗ୍ରା ନିମ୍ବ ପତ୍ର, ୨ କି.ଗ୍ରା ବେଲ ପତ୍ର, ୨ କି.ଗ୍ରା କନିଅର ପତ୍ର, ୨ କି.ଗ୍ରା ଧୂଆଁପତ୍ର, ୧୦ଲିଟର ଗୋମୂତ୍ର, ୫୦୦ ଗ୍ରାମ ହଳଦୀ, ୫୦୦ଗ୍ରାମ ରସୁଣ ଆଦି ବ୍ୟବହାର କରାଯାଇଥାଏ ।

ପ୍ରଥମେ ଗୋଟିଏ ପାତ୍ରରେ ୨୦୦ଲିଟର ପାଣି ନିଅନ୍ତୁ ଏବଂ ଏଥିରେ କରଞ୍ଜ, ଆତ, ଦୁଦୁରା ଆଦି ପତ୍ରକୁ ଭଲ ଭାବରେ ଛେଚିକରି ମିଶାଇ ଦିଅନ୍ତୁ । ଗୋଟେ ଦିନ ପରେ ମିଶ୍ରଣରେ ଧୂଆଁପତ୍ର, ଲଙ୍କା, ଅଦା, ରସୁଣ ଓ ହଳଦୀକୁ ଭଲରେ ଛେଚିକରି/ ଗୁଣ୍ଡକରି ମିଶାନ୍ତୁ । ଏହାକୁ ବାଡ଼ି ସାହାଯ୍ୟରେ ଭଲରେ ଗୋଳାଇ ଜାଲି କପଡ଼ାରେ ଗୁଡ଼ାଇ ରଖନ୍ତୁ । ଏହାର ପ୍ରସ୍ତୁତି ପାଇଁ ଏହାକୁ ୪୦ଦିନ ପର୍ଯ୍ୟନ୍ତ ଛାଇରେ ରଖନ୍ତୁ ଏବଂ ପ୍ରତିଦିନ ଏହି ମିଶ୍ରଣକୁ ସକାଳ ଓ ସଞ୍ଜବେଳରେ ଦୁଇଥର ଭଲରେ ଗୋଳାଇ ଦିଅନ୍ତୁ । ଏହି ଦଶପର୍ଣ୍ଣୀ ଅର୍କକୁ ୬ମାସ ପର୍ଯ୍ୟନ୍ତ ଫସଲରେ ବ୍ୟବହାର କରାଯାଇପାରିବ । ସାଧାରଣତଃ ୫ରୁ ୮ଲିଟର ଅର୍କକୁ ୨୦୦ଲିଟର ପାଣିରେ ମିଶାଇ ଏକ ଏକର ଫସଲ ପାଇଁ ବ୍ୟବହାର କରାଯାଇଥାଏ ।

## ସାରକଥା

ପ୍ରାକୃତିକ କୃଷି ବା ଶୂନ୍ୟ ବଜେଟ୍ ପ୍ରାକୃତିକ କୃଷି, କ୍ଷୁଦ୍ର ଓ ନାମମାତ୍ର କୃଷକମାନଙ୍କ କୃଷି ସଙ୍କଟ ଦୂର କରିବା ପାଇଁ ଏକ ଉତ୍କୃଷ୍ଟ ମଡେଲ୍ ଅଟେ । ଏହି କୃଷି ପଦ୍ଧତି ମୃତ୍ତିକା ସଂରକ୍ଷଣ ଓ ମୃତ୍ତିକାର ଜୈବ ବିବିଧତା ଅକ୍ଷୁର୍ଣ୍ଣ ରଖିବା ସହିତ କୃଷକର ଜୀବନ, ଜୀବିକା ବଜାୟ ରଖିବା ସହ ସ୍ୱାସ୍ଥ୍ୟର ଉନ୍ନତି ପ୍ରତି ପ୍ରାଥମିକତା ଦେଇଥାଏ । ଏବେ ଭାରତ ସରକାର ଏହି ବିଧିକୁ ପ୍ରୋତ୍ସାହିତ କରିବା ପାଇଁ ପରମ୍ପରାଗତ କୃଷି ଯୋଜନା ଅନ୍ତର୍ଗତ ଏକ ଉପ-ଯୋଜନା "ଭାରତୀୟ ପ୍ରାକୃତିକ କୃଷି ପଦ୍ଧତି (BPKP) ୨୦୧୯ ମସିହାରୁ ଆରମ୍ଭ କରିଛନ୍ତି ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କୃଷକମାନଙ୍କର ରାସାୟନିକ ଓ ବାହ୍ୟ କୃଷି ପଦାର୍ଥ କ୍ରୟ ଉପରେ ନିର୍ଭରଶୀଳତା କମାଇବା, ସେମାନଙ୍କର ଆୟ ବୃଦ୍ଧି କରିବା ଓ ପରିବେଶକୁ ସୁରକ୍ଷା ଦେବା ।

ଏହି ଯୋଜନାରେ ୩ବର୍ଷ ପାଇଁ ହେକ୍ଟର ପିଛା ଟ.୧୨,୨୦୦ଙ୍କାର ଆର୍ଥିକ ସହାୟତା ମିଳୁଛି । ବର୍ତ୍ତମାନ ଏହା ୮ଗୋଟି ରାଜ୍ୟ : ଯଥା-ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ମଧ୍ୟପ୍ରଦେଶ, କେରଳ, ହିମାଚଳ ପ୍ରଦେଶ, ତାମିଲନାଡୁ, ଝାଡ଼ଖଣ୍ଡ ଓ ଓଡ଼ିଶାରେ ଆରମ୍ଭ କରାଯାଇଛି ।

# ସଚିତ୍ର ପ୍ରାକୃତିକ କୃଷି



ଦେଶୀ ଓ ସ୍ଥାନୀୟ କିସମ ବିହନ ଚୟନ



ଗୋବର ଖତ ବ୍ୟବହାର



ଆଚ୍ଛାଦକ ବ୍ୟବହାର



ଅନ୍ତଃଫସଲ ଚାଷ



ଗୋମୂତ୍ରଯୁକ୍ତ ମିଶ୍ରଣ ବ୍ୟବହାର



ଉପକାରୀ କୀଟ ଦ୍ୱାରା କୀଟ ନିୟନ୍ତ୍ରଣ